# କଟକ ମହାନଗର ନିଗମ

କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟିର ୧୧ତମ ବୈଠକର ବିବରଣୀ
ତା-୨୩.୦୬.୨୦୧୫, ସମୟ ଅପରାହ୍ନ-୦୪.୦୦ ଘଟିକା
ସ୍ଥାନ-କଟକ ମହାନଗର ନିଗମ ସଭାଗୃହ

<u>ଉପସ୍ଥିତ ସଭ୍ୟ / ସଭ୍ୟା</u>

୧. ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର -ଅଧ୍ୟକ୍ଷ
୨. ଶ୍ରୀଯୁକ୍ତ ଲଳିତ ଶେଖର ନାୟକ - ସଦସ୍ୟ
୩. ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା - ସଦସ୍ୟ
୪. ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ - ସଦସ୍ୟା
୫. ଶ୍ରୀଯୁକ୍ତା ଇତିଶ୍ରୀ ଦାସ-ସଦସ୍ୟା
୬. ସୁଶ୍ରୀ ପଦ୍ମା ଭୂୟାଁ -ସଦସ୍ୟା
୭. ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ - ସଦସ୍ୟ

<u>ଉପସ୍ଥିତ ଅଧିକାରୀ</u>

୧. ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ-ଡ଼େପୁଟି କମିଶନର
୨. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ-ଉପ ସଚିବ
୩. ଶ୍ରୀଯୁକ୍ତ ନୃସିଂହ ଚରଣ ତ୍ରିପାଠୀ –ମୁଖ୍ୟ ସହାୟକ, ପ୍ରତିଷ୍ଠାନ ବିଭାଗ
୪. ଶ୍ରୀଯୁକ୍ତ ଜୟନ୍ତ କୁମାର ସାହୁ-କନିଷ୍ଠ ସହାୟକ, ପ୍ରତିଷ୍ଠାନ ବିଭାଗ

ଅଦ୍ୟ ତା ୨୩.୦୬.୨୦୧୫ରିଖ ଅପରାହ୍ନ ୦୪.୦୦ ଘଟିକା ସମୟରେ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟିର ୧୧ତମ ବୈଠକ କମିଟିର ଅଧକ୍ଷ ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବୈଠକରେ ଉପସ୍ଥିତ ଥିବା କମିଟିର ସଦସ୍ୟ ଓ ସଦସ୍ୟା ତଥା ଉପସ୍ଥିତ ଥିବା ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ଏହାପରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଆଗତ କରାଯାଇ, କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନିଗମର ସମସ୍ତ ସ୍ଥାୟୀ ଏବଂ ୱାର୍ଡ଼ ଚାର୍ଜଡ଼ କର୍ମଚାରୀ ମାନଙ୍କୁ ପରିଚୟ ପତ୍ର Identity Card ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । କର୍ମଚାରୀ ମାନଙ୍କର ସବିଶେଷ ବିବରଣୀ ପ୍ରଦାନ କଲେ, ଏକ ବ୍ୟାଙ୍କ ମାଧମରେ ଏହି ପରିଚୟ ପତ୍ର ପ୍ରଦାନ କରାଯିବାକୁ ଡ଼େପୁଟି କମିଶନରଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା । ନିଗମର ସମସ୍ତ ବ୍ରାଂଚ ଅଫିସରଙ୍କ ମାଧମରେ ସମ୍ପୃକ୍ତ କର୍ମଚାରୀ ମାନଙ୍କର ନାମ, ପଦବୀ ଏବଂ ଏକ ପାସପୋର୍ଟ ସାଇଜ କଲର ଫଟୋ ସଂଗ୍ରହ କରାଯିବା ନିମନ୍ତେ ସ୍ଥିର କରାଯାଇ, ଏ ଦିଗରେ ପ୍ରତିଷ୍ଠାନ ବିଭାଗ ଦ୍ୱାରା ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୨. ବିଭିନ୍ନ ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧମରେ ନିୟୋଜିତ କର୍ମଚାରୀ ମାନଙ୍କୁ ସମ୍ପୃକ୍ତ ସର୍ଭିସ ପ୍ରୋଭାଇଡ଼ରଙ୍କ ଦ୍ୱାରା ପରିଚୟ ପତ୍ର ପ୍ରଦାନ କରାଯିବା ନିମନ୍ତେ ସମ୍ପୃକ୍ତ ସଂସ୍ଥା ମାନଙ୍କୁ ପତ୍ରାଳାପ କରାଯିବା ନିମନ୍ତେ ସ୍ଥିର କରାଗଲା ।

୩. ସେହିପରି ରାମକୀ ସଂସ୍ଥାଙ୍କ ଦ୍ୱାରା ବିଭିନ୍ନ ୱାର୍ଡ଼ରେ ନିୟୋଜିତ କର୍ମଚାରୀ ମାନଙ୍କୁ ସମ୍ପୃକ୍ତ ସଂସ୍ଥାଙ୍କ ଦ୍ୱାରା ପରିଚୟ ପତ୍ର ପ୍ରଦାନ କରାଯିବା ନିମନ୍ତେ ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ପତ୍ରାଳାପ କରାଯିବା ନିମନ୍ତେ ସ୍ଥିର କରାଗଲା ।

୪. ନିଗମର ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ବକେୟା ଦେୟ ପ୍ରଦାନ ନିମନ୍ତେ ଖର୍ଚ୍ଚ ଆକଳନ କରାଯାଇ, ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ନିମନ୍ତେ କାଉନସିଲର ଅନୁମୋଦନ କ୍ରମେ ଏକ ପ୍ରସ୍ତାବ ପଠାଯିବାକୁ ସୁପାରିଶ କରାଗଲା ।

୫. ଅଫିସରୁ ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, ନିଗମର ପ୍ରକଳ୍ପ ବିଭାଗରେ କମ୍ପ୍ୟୁଟର ଅପରେଟର ଭାବେ କାର୍ଯ୍ୟ କରୁଥିବା ଶ୍ରୀ ସୁଶିଲ କୁମାର ରାଉତଙ୍କୁ, ନିଗମ ଅଧିନରେ କମ୍ପ୍ୟୁଟର ଅପରେଟର ଭାବେ କାର୍ଯ୍ୟ କରୁଥିବା ତାଙ୍କର Co-Worker ଙ୍କ Consolidated Monthly Salary ସହିତ ସମାନ କରାଯାଇ, ଜୁନ ୨୦୧୫ ଠାରୁ ମାସିକ ଟ. ୧୨,୦୦୦.୦୦ ପ୍ରଦାନ କରାଯିବାକୁ କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୬. ଅଫିସରୁ ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ Office Memorandum No-31033/F, dt. 03.10.2013 ଅନୁଯାୟୀ ନିଗମ ଅଧିନରେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀ ମାନଙ୍କ ମାସିକ ମୋଟର ସାଇକେଲ / ସ୍କୁଟର ଭତାକୁ ଟ. ୩୫୦/- ରୁ ଟ. ୭୦୦/-କୁ ଜୁନ, ୨୦୧୫ ଠାରୁ ବୃଦ୍ଧି କରାଯିବାକୁ କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୭. Eviction Squad ନିମନ୍ତେ ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧ୍ୟମରେ ନିୟୋଜିତ କର୍ମଚାରୀଙ୍କ ନିଯୁକ୍ତି ଅବଧି ବୃଦ୍ଧି ନିମନ୍ତେ ସେମାନଙ୍କର ନାମ ଏବଂ ସମ୍ପୃକ୍ତ ସର୍ଭିସ ପ୍ରୋଭାଇଡ଼ରଙ୍କ ନାମ ପ୍ରତିଷ୍ଠାନ ବିଭାଗ ଦ୍ୱାରା କମିଟିର ଆସନ୍ତା ବୈଠକରେ ଉପସ୍ଥାପନା କରାଯିବାକୁ ସ୍ଥିର କରାଗଲା । ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, ନିଗମର Eviction Squad ରେ କାର୍ଯ୍ୟ କରୁଥିବା ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧ୍ୟମରେ ନିୟୋଜିତ ୫ ଜଣ କୁଲୀଙ୍କ ନିଯୁକ୍ତି ଅବଧିକୁ ତା ୦୧.୦୪.୨୦୧୫ରିଖ ଠାରୁ ତା ୩୦.୦୬.୨୦୧୫ ପର୍ଯ୍ୟନ୍ତ ବୃଦ୍ଧିର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା । ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନୂତନ ଟେଣ୍ଡର ପକ୍ରିୟା ମାଧ୍ୟମରେ ସର୍ଭିସ ପ୍ରୋଭାଇଡ଼ର ଚୟନ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୮. ଗତ ତା ୨୧.୦୫.୨୦୧୫ରିଖ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ କ୍ରମିକ ନଂ ୭ (୫)ର ମୁଦ୍ରଣ ଜନିତ ତ୍ରୁଟୀକୁ ସଂଶୋଧନ କରାଯାଇ ଶ୍ରୀ ଗଗନ ବିହାରୀ ନାଏକ, ପୂର୍ବତନ ଏଲ.ଭି. ଡ୍ରାଇଭରଙ୍କ ମଞ୍ଜୁରୀ ନିମନ୍ତେ ଗ୍ରାଚ୍ୟୁଟି ଟ. ୩.୦୩,୩୪୦.୦୦କୁ ସଂଶୋଧନ କରାଯାଇ ଟ. ୩,୦୮,୩୪୦.୦୦ ମଞ୍ଜୁର କରାଯିବା ନିମନ୍ତେ ସୁପାରିଶ କରାଗଲା ।

୯. ନିଗମର ପ୍ରତିଷ୍ଠାନ ବିଭାଗ ଦ୍ୱାରା କର୍ମଚାରୀ ମାନଙ୍କ ସେବା ବିଷୟରେ ଉପସ୍ଥାପନା କରାଯାଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ ନିମ୍ନଲିଖିତ କର୍ମଚାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ଗ୍ରାଚ୍ୟୁଟି ଟଙ୍କା ମଞ୍ଜୁରୀ କରାଯିବାକୁ ସୁପାରିଶ କରାଗଲା ।

| କ୍ର.ନଂ. | କର୍ମଚାରୀଙ୍କ ନାମ ଓ ପଦବୀ | ଅବସର ଗ୍ରହଣ ତାରିଖ | ମଞ୍ଜୁରୀ ନିମନ୍ତେ ଗ୍ରାଚ୍ୟୁଟି ଟଙ୍କାର ପରିମାଣ |
|---|---|---|---|
| ୧. | ନିତ୍ୟାନନ୍ଦ ଦାସ, ପୂର୍ବତନ ମେଟ | ୧୭.୦୪.୨୦୦୮(ମୃତ୍ୟୁ) | ଟ.୮୮,୪୪୦.୦୦ |
| ୨ | ସେବତୀ ମୁଖି, ଅବସରପ୍ରାପ୍ତ ମେହେନ୍ତାଣୀ | ୩୦.୦୬.୨୦୧୨ | ଟ. ୮୧,୪୫୦.୦୦ |
| ୩ | ଲିଙ୍ଗରାଜ ମହାନ୍ତି, ପୂର୍ବତନ ଟିକସ ଅସୁଲକାରୀ | ୩୦.୦୧.୨୦୧୧ | ଟ. ୭୦,୮୦୦.୦୦ |
| ୪ | ଗଙ୍ଗାଧର ସଂହ, ପୂର୍ବତନ ଡ୍ରେନ ଗ୍ୟାଙ୍ଗ | ୩୦.୦୬.୨୦୧୧ | ଟ. ୭୮,୮୮୦.୦୦ |
| ୫ | ବିଷ୍ଣୁ ଚରଣ ନାଏକ, ପୂର୍ବତନ ମେହେନ୍ତର | ୩୦.୦୬.୨୦୧୧ | ଟ. ୮୧,୮୪୦.୦୦ |
| ୬ | ବିଚିତ୍ରାନନ୍ଦ ପଣ୍ଡା, ପୂର୍ବତନ ଟିକସ ଅସୁଲକାରୀ | ୨୮.୦୨.୨୦୧୩ | ଟ.୧,୩୧,୮୨୦.୦୦ |
| ୭ | ପି. ରାମେୟା, ପୂର୍ବତନ ନାଳକୁଲୀ | ୩୧.୦୭.୨୦୦୯ | ଟ. ୮୦,୬୭୨.୦୦ |
| ୮ | ସପନି ଚରଣ ନାୟକ, ପୂର୍ବତନ ରାସ୍ତାକୁଲୀ | ୩୧.୧୨.୨୦୧୦ | ଟ. ୮୬,୩୭୭.୦୦ |

୧୦. ନିଗମ ଅଧିନରେ ବର୍ତମାନ ସର୍ଭିସ ପ୍ରୋଭାଇଡ଼ର ମାନଙ୍କ ମାଧ୍ୟମରେ ନିୟୋଜିତ ସମସ୍ତ Data Entry Operators, ମାନଙ୍କର ନିଯୁକ୍ତି ଅବଧିକୁ ତା. ୦୧.୦୪.୨୦୧୫ ଠାରୁ ତା ୩୦.୦୬.୨୦୧୫ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ନିମନ୍ତେ ସୁପାରିଶ କରାଗଲା ।

ପରିଶେଷରେ । ଉପସ୍ଥିତ ଥିବା ସମସ୍ତ ସଦସ୍ୟ / ସଦସ୍ୟା ଏବଂ ଅଧିକାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ ସହ ସଭା ସାଙ୍ଗ କରାଯାଇଥିଲା ।

Pramod Mohapatra

(ପ୍ରମୋଦ କୁମାର ମହାପାତ୍ର)
ଅଧ୍ୟକ୍ଷ
କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ ....1168.......... ତା ....24.6.15

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାଶନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1169 ତା 24.6.15

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1170 ତା 24.6.15

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର / ଡେପୁଟି କମିଶନର / ଡେପୁଟି କମିଶନର -୨/ ନିର୍ବାହୀ ଯନ୍ତ୍ରୀ- ୨ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ପ୍ରତିଷ୍ଠାନ ଅଧିକାରୀ / ରିକଭରୀ ଅଫିସର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1171 ତା 24.6.15

ଏହାର ଏକ କିତା ନକଲ ଡେପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ